# NATIONAL NEWS BULLETIN (ODIA)

## 20 March - 2024

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ଜାରି ହେବ ବିଜ୍ଞପ୍ତି ।

– ୧୭ଟି ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୧୦୨ଟି ଲୋକସଭା ଆସନ ଲାଗି ଏହି ପର୍ଯ୍ୟାୟରେ ହେବ ମତଦାନ ।

- ଆଗାମୀ ସାଧାରଣ ନିର୍ବାଚନରେ ଅତ୍ୟାବଶ୍ୟକୀୟ ସେବାରେ ନିୟୋଜିତ ବ୍ୟକ୍ତିଙ୍କ ଲାଗି ପୋଷ୍ଟାଲ୍ ବ୍ୟାଲଟ୍ ମାଧ୍ୟମରେ ଭୋଟ୍ ଦେବା ନିମନ୍ତେ ନିର୍ବାଚନ ଆୟୋଗ ଅନୁମତି ପ୍ରଦାନ କରିଛନ୍ତି ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭାରତ ମଣ୍ଡପମ୍ ଠାରେ ଚାଲିଥିବା ଷ୍ଟାର୍ଟଅପ୍ ମହାକୁମ୍ଭକୁ ସମ୍ବୋଧିତ କରିବେ ।
- ଅର୍ଥ ବଦଳରେ ପ୍ରଶ୍ନ ପଚାରିବା ମାମଲାରେ ପୂର୍ବତନ ଟି.ଏମ୍.ସି. ସାଂସଦ ମହୁଆ ମୋଇତ୍ରଙ୍କ ବିରୋଧରେ ସିବିଆଇ ତଦନ୍ତ ଲାଗି ଲୋକପାଳ ନିର୍ଦ୍ଦେଶ ଦେଇଛନ୍ତି ।

ଏବଂ

- ସୁଇସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ଯୋଗ୍ୟତା ପର୍ଯ୍ୟାୟରେ ଭାରତୀୟ ଖେଳାଳିଙ୍କର ସଫଳତା ।

## ଏଲ୍‌ଏସ୍-ନୋଟିଫିକେଶନ

ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ଜାରି ହେବ । ଏହି ପର୍ଯ୍ୟାୟରେ ୧୭ଟି ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୧୦୨ଟି ଲୋକସଭା ଆସନରେ ମତଦାନ ହେବ । ତାମିଲନାଡୁର ୩୯ଟି ଆସନ, ରାଜସ୍ଥାନର ୧୨ଟି ଆସନ, ଉତ୍ତରପ୍ରଦେଶର ୮ଟି ଆସନ, ମଧ୍ୟପ୍ରଦେଶର ୬ଟି ଆସନ, ଉତ୍ତରାଖଣ୍ଡ, ଆସାମ ଓ ମହାରାଷ୍ଟ୍ରର ୫ଟି ଲେଖାଏଁ ଆସନ, ବିହାରର ୪ଟି ଆସନ, ପଶ୍ଚିମବଙ୍ଗର ୩ଟି ଆସନ, ଅରୁଣାଚଳ ପ୍ରଦେଶ, ମଣିପୁର ଓ ମେଘାଳୟର ୨ଟି ଲେଖାଏଁ ଆସନ ଓ ଛତିଶଗଡ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ, ତ୍ରିପୁରା, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଜାମ୍ମୁକାଶ୍ମୀର, ଲାକ୍ଷାଦ୍ୱୀପ ଓ ପୁଡୁଚେରୀର ଗୋଟିଏ ଲେଖାଏଁ ଆସନରେ ପ୍ରଥମ ପର୍ଯ୍ୟାୟରେ ମତଦାନ ହେବ । ଏପ୍ରିଲ ୧୯ ତାରିଖରୁ ଲୋକସଭା ନିର୍ବାଚନ ପାଇଁ ମତଦାନ ଆରମ୍ଭ ହେବ । ଲୋକସଭା ନିର୍ବାଚନ ମୋଟ୍ ୭ଟି ପର୍ଯ୍ୟାୟରେ ହେବ ଓ ଭୋଟ୍‌ଗଣତି ଜୁନ୍ ୪ ତାରିଖରେ ହେବ ।

ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ ତଥା ନିରପେକ୍ଷ ଏବଂ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ନିର୍ବାଚନ ଆୟୋଗ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ଏଥିଲାଗି ସମସ୍ତ ପ୍ରକାର ବାଧା ଦୂର କରିବା ଲାଗି ଆୟୋଗ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି । ବିଶେଷ କରି ନିର୍ବାଚନ ସମୟରେ ବାହୁବଳ ଓ ଅର୍ଥବଳ ବ୍ୟବହାର, ଭୁଲ ତଥ୍ୟ ପ୍ରସାରଣ ଏବଂ ଆଦର୍ଶ ଆଚରଣବିଧିର ଉଲ୍ଲଙ୍ଘନକୁ ରୋକିବା ଲାଗି ଆୟୋଗଙ୍କ ପକ୍ଷରୁ ଦେଶବ୍ୟାପି ବିଭିନ୍ନ ସ୍ଥାନରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀକୁ ମୁତୟନ କରାଯାଉଛି । ଏତଦ୍‌ବ୍ୟତୀତ ସମସ୍ତ ଜିଲ୍ଲାରେ ୨୪ ଘଣ୍ଟିଆ ସମନ୍ୱିତ କଣ୍ଟ୍ରୋଲ୍ ରୁମ୍ ମଧ୍ୟ ସ୍ଥାପନ କରାଯାଇଛି । ସେହିଭଳି ସ୍ପର୍ଶକାତର ମତଦାନ କେନ୍ଦ୍ର ଗୁଡ଼ିକରେ ୱେବ୍ କାଷ୍ଟିଂ କରାଯିବାର ବ୍ୟବସ୍ଥା ହୋଇଛି । ସୀମାବର୍ତ୍ତୀ ଅଞ୍ଚଳରେ ତୀକ୍ଷ୍ଣ ନଜର ରଖିବା ପାଇଁ ଡ୍ରୋନ୍‌ର ସାହାଯ୍ୟ ନିଆଯିବ । ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ସହିତ ମତଦାତାମାନେ ଯେଭଳି ସୁରୁଖୁରୁରେ ନିଜର ମତାଧିକାର ସାବ୍ୟସ୍ତ କରିପାରିବେ ସେ ଦିଗରେ ରାଜ୍ୟ ଓ ଜିଲ୍ଲା ପ୍ରଶାସନ ଗୁଡ଼ିକ ଆବଶ୍ୟକ ସମୟୋଚିତ୍ତ ପଦକ୍ଷେପ ନେବାକୁ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ।

# ଇସିଆଇ

ଆଗାମୀ ଲୋକସଭା ଏବଂ ୪ଟି ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଅତ୍ୟାବଶ୍ୟକୀୟ ସେବାରେ ନିୟୋଜିତ ବ୍ୟକ୍ତିଙ୍କ ଲାଗି ପୋଷ୍ଟାଲ ବ୍ୟାଲଟ ମାଧ୍ୟମରେ ଭୋଟ୍ ଦେବା ନିମନ୍ତେ ନିର୍ବାଚନ ଆୟୋଗ ଅନୁମତି ପ୍ରଦାନ କରିଛନ୍ତି । ଏ ସଂପର୍କରେ ଆୟୋଗଙ୍କ ପକ୍ଷରୁ ଜାରି କରାଯାଇଥିବା ଏକ ନିର୍ଦ୍ଦେଶାନାମାରେ କୁହାଯାଇଛି, ରେଳବାଇ, ମେଟ୍ରୋ, ବି.ଏସ୍.ଏନ୍.ଏଲ୍., ବିଦ୍ୟୁତ୍ ଓ ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିସମ ସେବା, ଡାକସେବା, ବିପର୍ଯ୍ୟୟ ପରିଚାଳନା, ଦୂରଦର୍ଶନ ଏବଂ ଆକାଶବାଣୀ ସମେତ ଆୟୋଗଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି ସୁବିଧା ପ୍ରଦାନ କରାଯିବ । ଏଥିଲାଗି ଆୟୋଗ ଜଣେ ନୋଡାଲ୍ ଅଧିକାରୀଙ୍କୁ ନିଯୁକ୍ତ କରିଛନ୍ତି ।

ଏଠାରେ ସୂଚନା ଦିଆଯାଇପାରେ ଦେଶ ବ୍ୟାପି ୭ଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ସହିତ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଓଡ଼ିଶା ଓ ସିକ୍କିମ୍ ବିଧାନସଭା ଏବଂ ୧୩ଟି ରାଜ୍ୟର ୨୬ଟି ବିଧାନସଭା ଆସନ ଲାଗି ଉପନିର୍ବାଚନ ଅନୁଷ୍ଠିତ ହେବ ।

# ତାମିଲନାଡୁ ଇଲେକ୍‌ସନ୍ ପ୍ରୋଫାଇଲ୍

ତାମିଲନାଡୁରେ ଆସନ୍ତା ଏପ୍ରିଲ୍ ୧୯ ତାରିଖ ଦିନ ଏକକ ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ଏଥିଲାଗି ଆଜି ବିଜ୍ଞପ୍ତି ପ୍ରକାଶ ପାଇବ । ଆସନ୍ତା ୨୭ ତାରିଖ ହେଉଛି ନାମାଙ୍କନପତ୍ର ଦାଖଲ କରିବାର ଶେଷ ତାରିଖ । ୨୮ ତାରିଖ ଦିନ ପ୍ରାର୍ଥୀପତ୍ର ଯାଞ୍ଚ୍ କରାଯିବ ଏବଂ ପ୍ରତ୍ୟାହାରର ଶେଷ ଦିନ ହେଉଛି ମାର୍ଚ୍ଚ ୩୦ ତାରିଖ । ରାଜ୍ୟର ମୋଟ୍ ୩୯ଟି ଲୋକସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଚିଦାମ୍ବରମ୍, ନାଗାପଟିନମ୍, ତେନ୍‌କାଶି, ନିଲିଗିରସ୍, ଭିଲୁପୁରମ୍, ତିରୁଭାଲୁ ଏବଂ କାଞ୍ଚିପୁରମ୍ ଆସନ ଗୁଡ଼ିକୁ ସଂରକ୍ଷିତ ରଖାଯାଇଥିବା ବେଳେ ଅନ୍ୟ ୩୨ଟି ଆସନରେ ସାଧାରଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ । ଏଥିସହିତ ଭିଲା ଭାନ୍‌କୋଡେ ବିଧାନସଭା ଆସନ ଲାଗି ଉପନିର୍ବାଚନ ମଧ୍ୟ ୧୯ ତାରିଖ ଦିନ ଅନୁଷ୍ଠିତ ହେବ । କଂଗ୍ରେସ ଦଳର ପୂର୍ବତନ ହ୍ୱିପ୍ ବିଜୟଧରଣିଙ୍କର ଇସ୍ତଫା ପରେ ଏହି ଆସନଟି ଖାଲି ପଡ଼ିଥିଲା ।

# ପିଏମ୍-ଷ୍ଟାର୍ଟଅପ୍ ମହାକୁମ୍ଭ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଚାଲିଥିବା ଷ୍ଟାର୍ଟଅପ୍ ମହାକୁମ୍ଭକୁ ସମ୍ବୋଧିତ କରିବେ । ସାମାଜିକ ଗଣମାଧ୍ୟମରେ ଏ ସଂପର୍କରେ ସୂଚନା ଦେଇ ଶ୍ରୀ ମୋଦୀ କହିଛନ୍ତି, ବିଭିନ୍ନ

ଷ୍ଟାର୍ଟଅପ୍, ଶିଳ୍ପଦ୍ୟୋଗୀ ଏବଂ ଅଂଶିଦାରମାନଙ୍କୁ ଗୋଟିଏ ପ୍ଲାଟ୍‌ଫର୍ମରେ ଏକତ୍ରିତ କରିବା ହେଉଛି ଏହି ମହାକୁମ୍ଭର ମୁଖ୍ୟ ଉଦ୍ଦେଶ୍ୟ । ଭାରତ ଷ୍ଟାର୍ଟଅପ୍ ଦୁନିଆରେ ଗତ କିଛି ବର୍ଷ ମଧ୍ୟରେ ନିଜର ସ୍ଥିତିକୁ ମଜବୁତ କରିପାରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଗତ ସୋମବାର ଦିନ ଆରମ୍ଭ ହୋଇଥିବା ଏହି ମହାକୁମ୍ଭ ଆଜି ଶେଷ ହେଉଛି ।

## ପିଏମ୍-ଭୁଟାନ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଠାରୁ ଦୁଇ ଦିନିଆ ଭୁଟାନ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ଭୁଟାନର ରାଜା ଜିଗ୍‌ମେ ଖେଶର ନାମ୍‌ଗେଲ୍ ଓ୍ୱାଙ୍ଗ୍‌ଚୁକ୍ ଏବଂ ଭୁଟାନର ଚତୁର୍ଥ ରାଜା ଜିଗ୍‌ମେ ସିଙ୍ଗେ ଓ୍ୱାଙ୍ଗ୍‌ଚୁକ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିବେ । ଏହାଛଡ଼ା ସେ ତାଙ୍କର ଭୁଟାନ ପ୍ରତିପକ୍ଷ ସେରିଙ୍ଗ୍ ଟବ୍‌ଗେଙ୍କ ସହିତ ମଧ୍ୟ ଦ୍ୱିପକ୍ଷିୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

ପ୍ରଧାନମନ୍ତ୍ରୀ ଗସ୍ତ ସଂପର୍କରେ ସୂଚନା ଦେଇ ବୈଦେଶିକ ମନ୍ତ୍ରଣାଳୟ କହିଛି, ଭାରତ ସରକାରଙ୍କ ପଡ଼ୋଶୀ ପ୍ରଥମ ନୀତି ଉପରେ ପ୍ରାଥମିକତା ଦିଆଯିବା ସହିତ ଭାରତ ଓ ଭୁଟାନ୍ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ପାରମ୍ପରିକ ଉଚ୍ଚସ୍ତରୀୟ ସହଯୋଗକୁ ସଶକ୍ତ କରିବା ହେଉଛି ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ଭାରତ ଓ ଭୁଟାନ୍ ମଧ୍ୟରେ ଏକ ଅନନ୍ୟ ତଥା

ଚିରସ୍ଥାୟୀ ଭାଗିଦାରୀ ରହିଆସିଛି ଯାହାକି ଆପୋଷ ବିଶ୍ୱାସ, ବୁଝାମଣା ଏବଂ ସଦିଚ୍ଛା ଉପରେ ପର୍ଯ୍ୟବେଶିତ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦ୍ୱିପକ୍ଷିୟ ତଥା ଆଞ୍ଚଳିକ ପ୍ରସଙ୍ଗ ଉପରେ ଆଲୋଚନା ହେବା ସହିତ ଦୁଇ ଦେଶ ମଧ୍ୟରେ ଥିବା ଭାଗିଦାରୀରୁ ଯେଭଳି ଉଭୟ ଦେଶର ଜନସାଧାରଣ ଉପକୃତ ହୋଇପାରିବେ ସେ ଦିଗରେ ମଧ୍ୟ ଧ୍ୟାନ ଦିଆଯିବ ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି ।

## ଲୋକପାଳ-ସିବିଆଇ

ଅର୍ଥ ବଦଳରେ ପ୍ରଶ୍ନ ପଚାରିବା ମାମଲାରେ ସଂପୃକ୍ତି ଅଭିଯୋଗରେ ପୂର୍ବତନ ଟି.ଏମ୍.ସି. ସାଂସଦ ମହୁଆ ମୋଇତ୍ରଙ୍କ ବିରୋଧରେ ସିବିଆଇ ତଦନ୍ତ ଲାଗି ଲୋକପାଳ ନିର୍ଦ୍ଦେଶ ଦେଇଛନ୍ତି। ଲୋକପାଳ ତାଙ୍କ ଆଦେଶରେ କହିଛନ୍ତି, ମହୁଆଙ୍କ ବିରୋଧରେ ଯଥେଷ୍ଟ ପ୍ରାଥମିକ ପ୍ରମାଣ ରହିଛି ଯାହା ଅଧିକ ତଦନ୍ତର ଆବଶ୍ୟକତା ରହିଛି। ଦୁବାଇର ବ୍ୟବସାୟୀ ଦର୍ଶନ ହିରାନନ୍ଦାନୀଙ୍କ ଠାରୁ ନଗଦ ଟଙ୍କା ଏବଂ ଉପହାର ବଦଳରେ ମୋଇତ୍ର ଲୋକସଭାରେ ପ୍ରଶ୍ନ ପଚାରିଥିଲେ ବୋଲି ବିଜେପି ଲୋକସଭା ସଭ୍ୟ ନିଶିକାନ୍ତ ଦୁବେଙ୍କ ଅଭିଯୋଗର ଶୁଣାଣି କରି ଲୋକପାଳ ଏହି ନିର୍ଦ୍ଦେଶ ଦେଇଛନ୍ତି।

୬ ମାସ ମଧ୍ୟରେ ମୋଇତ୍ରଙ୍କ ବିରୋଧରେ ଆସିଥିବା ଅଭିଯୋଗର ସମସ୍ତ ଦିଗର ତଦନ୍ତ ଶେଷ କରିବା ସହ ତଦନ୍ତର ସ୍ଥିତି ସମ୍ପର୍କରେ ପ୍ରତି ମାସରେ ସମୟକ୍ରମେ ରିପୋର୍ଟ ଦାଖଲ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି ।

ଏଠାରେ ସୂଚନା ଦିଆଯାଇପାରେ ସଂସଦୀୟ ନୈତିକତା କମିଟିର ସୁପାରିସ ଆଧାରରେ ଗତ ବର୍ଷ ଡିସେମ୍ବରରେ ମହୁଆ ମୋଇତ୍ରଙ୍କୁ ଲୋକସଭାରୁ ବହିଷ୍କାର କରାଯାଇଥିଲା ।

## ଛତିଶଗଡ଼

ଛତିଶଗଡ଼ର ଜନଜାତି ଅଧ୍ୟୁଷିତ ଅଞ୍ଚଳ ବସ୍ତାର ଡିଭିଜନ୍‌ରେ ଗତକାଲି ସୁରକ୍ଷା କର୍ମୀଙ୍କ ସହ ଗୁଳି ବିନିମୟ ସମୟରେ ଦୁଇ ଜଣ ମାଓବାଦୀ ପ୍ରାଣ ହରାଇଛନ୍ତି । ସେମାନଙ୍କ ମଧ୍ୟରେ ଜଣେ ମହିଳା ମାଓବାଦୀ ଥିବା ପୁଲିସ୍ ପକ୍ଷରୁ କୁହାଯାଇଛି । ଆମ ସମ୍ବାଦଦାତା ଜଣାଇଚନ୍ତି, ଜିଲ୍ଲା ସୁରକ୍ଷା ବଳ ଓ ସି.ଆର୍.ପି.ଏଫ୍. ମିଳିତ ଭାବେ ଦନ୍ତେୱାଡା ଜିଲ୍ଲାର ପୁନେଲ୍‌ଜେଲ୍-ଗାମ୍‌ପୁର ଜଙ୍ଗଲରେ ମାଓବାଦୀ ଥିବା ସଂପର୍କରେ ସୂଚନା ପାଇବା ପରେ ତଲାସି ଅଭିଯାନ ଆରମ୍ଭ କରିଥିଲେ । ଏହି ସମୟରେ କିରାଣ୍ଡୁଲ୍ ଅଞ୍ଚଳରେ ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ

ହେବା ପରେ ଦୁଇ ମାଓବାଦୀଙ୍କର ମୃତ୍ୟୁ ହୋଇଛି । ସୁରକ୍ଷା କର୍ମୀ ଘଟଣା ସ୍ଥଳରୁ ବହୁ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି ।

## ଆର୍.ବି.ଆଇ.-ମନ୍ଥ୍ଲି ବୁଲିଟିନ୍

ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଏହାର ମାସିକ ବୁଲିଟିନ୍‌ରେ କହିଛି, ଭାରତର **GDP** ଅଭିବୃଦ୍ଧି ୨୦୨୩-୨୪ ଆର୍ଥିକ ବର୍ଷର ତୃତୀୟ ତିନି ମାସରେ ବିଗତ ୧୮ ମାସ ତୁଳନାରେ ଅଧିକ ରହିଛି । ଆର୍.ବି.ଆଇ. ଡେବୁଟି ଗଭର୍ଣ୍ଣର ମାଇକେଲ୍ ଦେବବ୍ରତ ପାତ୍ରଙ୍କ ଦ୍ୱାରା ଲିଖିତ 'ଷ୍ଟେଟ୍ ଅଫ୍ ଦି ଇକୋନମି' ଲେଖାରେ ଉଦ୍ୟୋଗ କ୍ଷେତ୍ର ଓ ବ୍ୟାଙ୍କ୍ ବାଲାନ୍ସ ସିଟ୍ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି କୁହାଯାଇଛି । ଆନ୍ତର୍ଜାତିକ ବିଷୟ ଉପରେ ରିପୋର୍ଟରେ କୁହାଯାଇଛି, ବିଶ୍ୱ ଅର୍ଥନୀତି ମନ୍ଥର ରହିଛି ଓ ବଡ଼ ବଡ଼ ଅର୍ଥନୀତି ଗୁଡ଼ିକର ଅଭିବୃଦ୍ଧି ହ୍ରାସ ପାଇଛି ।

ମୁଦ୍ରାସ୍ଫିତି ହାର ଶତକଡ଼ା ୪ ଭାଗ ମଧ୍ୟରେ ସୀମିତ ରଖିବା ଲକ୍ଷ୍ୟରେ ଖାଦ୍ୟ ପଦାର୍ଥ ମୂଲ୍ୟ ବୃଦ୍ଧି ପ୍ରତିବନ୍ଧକ ହୋଇଥିବାର ରିପୋର୍ଟରେ କୁହାଯାଇଛି । ଅନ୍ୟ ଏକ ଲେଖାରେ ବିଶ୍ୱ ମୁଦ୍ରାସ୍ଫିତି ବୃଦ୍ଧି ପାଇଥିବାର କୁହାଯାଇଛି । ଏଥିପାଇଁ ରୁଷ-ୟୁକ୍ରେନ୍ ଯୁଦ୍ଧକୁ କାରଣ ଭାବେ ଦର୍ଶା ଯାଇଛି ।

# ସୁଇସ୍ ବ୍ୟାଡ୍‌ମିଣ୍ଟନ୍

ସ୍ୱିଜରଲ୍ୟାଣ୍ଡର ବାସେଲ୍ ଠାରେ ଚାଲିଥିବା ସୁଇସ୍ ଓପନ୍ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ମହିଳା ଡବଲ୍ସ ବର୍ଗରେ ଭାରତୀୟ ଯୋଡ଼ି ଗାୟତ୍ରୀ ଗୋପୀଚାନ୍ଦ ଏବଂ ତ୍ରିଶା ଜଲି ପ୍ରି-କ୍ୱାର୍ଟର ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ସେମାନେ ଗତକାଲି ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଆମେରିକୀୟ ଯୋଡ଼ି କେରି ଜୁ ଓ ଆନି ଜୁଙ୍କୁ ୨୧-୧୫, ୨୧-୧୨ ସେଟ୍‌ରେ ସିଧାସଳଖ ପରାସ୍ତ କରିଛନ୍ତି ।

ସେହିଭଳି ପୁରୁଷ ଡବଲ୍ସ ବର୍ଗରେ ଭାରତୀୟ ଯୋଡ଼ି ହରିହରନ୍ ଆମ୍‌ସା-କରୁନନ୍ ଓ ରୁବାନ୍ କୁମାର ରେଥିନା-ସାବାପାଥି ଫ୍ରାନ୍ସର ନାତାନ୍ ବେଗା ଓ ଆପ୍‌ଷ୍ଟେ ଲାବାର୍ଥେଙ୍କ ଯୋଡ଼ିକୁ ଯୋଗ୍ୟତା ପର୍ଯ୍ୟାୟରେ ୨୧-୧୭ ଓ ୨୧-୧୫ ସେଟ୍‌ରେ ପରାସ୍ତ କରିଛନ୍ତି । ସେହିଭଳି ମିକ୍ସଡ୍ ଡବଲ୍ସ ବର୍ଗରେ ଭାରତର ଏନ୍. ସିକି ରେଡ୍ଡୀ ଓ ବି. ସୁମିତ ରେଡ୍ଡୀଙ୍କ ଯୋଡ଼ି ବ୍ରାଜିଲ୍‌ର ସାମିଆ ଲିମା ଓ ଡାଭି ସିଲଭାଙ୍କ ଯୋଡ଼ିକୁ ୨୧-୧୨, ୨୧-୧୭ ସେଟ୍‌ରେ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି ।

ପୂର୍ବରୁ ପୁରୁଷ ସିଙ୍ଗଲ୍ସ ବର୍ଗରେ ଭାରତର ଶତୀଶ କୁମାର କରୁଣାକରନ ଏଲ୍ ସାଲଭାଡର୍‌ର ୟୁରେଏଲ୍ କାଞ୍ଜୋରାଙ୍କୁ ୨୧-୧୮ ଓ

୨୧-୧୨ ସେଟ୍‌ରେ ପରାସ୍ତ କରିଥିବା ବେଳେ ସମୀର ବର୍ମା ବ୍ରାଜିଲ୍‌ର କୋଏଲୋ ଡି ଓଲିଭେରିୟାଙ୍କୁ ଯୋଗ୍ୟତା ପର୍ଯ୍ୟାୟରେ ୨୧-୧୧, ୨୧-୧୦ ଓ ୨୧-୧୪ ସେଟ୍‌ରେ ପରାସ୍ତ କରିଥିଲେ। ଆଜି ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ଲକ୍ଷ୍ୟସେନ, ପି.ଭି. ସିନ୍ଧୁ, କାଦମ୍ବୀ ଶ୍ରୀକାନ୍ତ, କୀରନ୍ ଜର୍ଜ୍ ଓ ପ୍ରିୟାଂଶୁ ରାଜାଓ୍ୱାତ୍‌ଙ୍କ ସମେତ ଅନ୍ୟାନ୍ୟ ବ୍ୟାଡ୍‌ମିଣ୍ଟନ୍ ଖେଳାଳିମାନେ ନିଜର ଅଭିଯାନ ଆରମ୍ଭ କରିବେ।